# NATIONAL NEWS BULLETIN (ODIA)

## 27th November - 2025

## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ସକାଳେ ଚାଣକ୍ୟ ପ୍ରତିରକ୍ଷା ସମ୍ମିଳନୀ-୨୦୨୫ର ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।

— ପରେ ଓଡ଼ିଶା ଓ ଉତ୍ତର ପ୍ରଦେଶକୁ ଦୁଇଦିନିଆ ଗସ୍ତରେ ଯାଇ ଆଜି ଓଡ଼ିଶା ବିଧାନସଭାରେ ଦେବେ ଉଦ୍‌ବୋଧନ ।

- ଗୁଜରାଟର ଅହମ୍ମଦାବାଦଠାରେ ଆୟୋଜିତ ହେବ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ।

— କ୍ରୀଡ଼ା ପ୍ରତି ଦେଶବାସୀଙ୍କ ପ୍ରତିବଦ୍ଧତା ଓ ଖେଳୁଆଡ଼ ମନୋଭାବକୁ ଏହା ପ୍ରତିଫଳିତ କରୁଛି; କହିଲେ ପ୍ରଧାନମନ୍ତ୍ରୀ ।

- ଭାରତୀୟ ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍'ର ଇନ୍‌ଫିନିଟି କ୍ୟାମ୍ପସକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଭାରତ-ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଉଛି ନୂଆଦିଲ୍ଲୀରେ ।

ଏବଂ

- ହଙ୍ଗ୍‌କଙ୍ଗ୍‌ର ତାଇ ପୋ ଜିଲ୍ଲାରେ ସୁଉଚ୍ଚ ଆପାର୍ଟମେଣ୍ଟଗୁଡ଼ିକରେ ଅଗ୍ନିକାଣ୍ଡ ଯୋଗୁଁ ୪୪ ଜଣଙ୍କର ମୃତ୍ୟୁ; ୧୭୯ରୁ ଅଧିକ ନିଖୋଜ ।

## ପ୍ରେଜ୍ - ସି.ଡି.ଡି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ନୂଆଦିଲ୍ଲୀରେ ଚାଣକ୍ୟ ପ୍ରତିରକ୍ଷା ସମ୍ମିଳନୀ-୨୦୨୫ର ତୃତୀୟ ସଂସ୍କରଣର ଉଦ୍‌ଘାଟନ ସମାବେଶରେ ଉଦ୍‌ବୋଧନ ଦେବେ । ଏହି ଦୁଇଦିନିଆ ଅଧିବେଶନରେ ପ୍ରତିରକ୍ଷା କ୍ଷେତ୍ରର ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ବିଶେଷଜ୍ଞ ଏକତ୍ରିତ ହୋଇ ଏହି କ୍ଷେତ୍ରର ବିକାଶ ସମେତ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ସମୟରେ ଭାରତର ପ୍ରତିରକ୍ଷା ପ୍ରାଥମିକତାକୁ ପ୍ରାଧାନ୍ୟ ଦେଇ ବୈଷୟିକ ଜ୍ଞାନକୌଶଳ ରୂପାନ୍ତରୀକରଣ ଏବଂ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଉପରେ ମତ ବିନିମୟ କରିବେ । ଏହି ଅଧିବେଶନର ବିଷୟବସ୍ତୁ ରହିଛି "ସଂସ୍କାରରୁ ରୂପାନ୍ତରୀକରଣ - ସଶକ୍ତ, ସୁରକ୍ଷିତ ଏବଂ ବିକଶିତ

ଭାରତ” । ଏହି ଅଧିବେଶନର ଦ୍ୱିତୀୟ ଦିନରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶା ଓ ଉତ୍ତର ପ୍ରଦେଶକୁ ଦୁଇଦିନିଆ ଗସ୍ତରେ ଯିବେ । ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ରାଷ୍ଟ୍ରପତି ମୁର୍ମୁ ଓଡ଼ିଶା ବିଧାନସଭାର ଆଜିଠାରୁ ଆରମ୍ଭ ହେବାକୁ ଥିବା ଶୀତକାଳୀନ ଅଧିବେଶନରେ ଉଦ୍‌ବୋଧନ ଦେବାର କାର୍ଯ୍ରସୂଚୀ ରହିଛି । ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବାରେ ଦ୍ରୌପଦୀ ମୁର୍ମୁ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରଠାରେ ଆବଶ୍ୟକ ପଦକ୍ଷେପ ନିଆଯାଇଛି । କମିଶନରେଟ୍ ପୁଲିସ୍ ପକ୍ଷରୁ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି ।

ଆସନ୍ତାକାଲି ରାଷ୍ଟ୍ରପତି ଉତ୍ତର ପ୍ରଦେଶ ଗସ୍ତକରି ଲକ୍ଷ୍ନୌଠାରେ ବ୍ରହ୍ମାକୁମାରୀଙ୍କର ଏକ ସମାରୋହରେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । ପରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ ସ୍କାଉଟ୍‌ସ୍ ଓ ଗାଇଡ୍‌ସର ହୀରକ ଜୟନ୍ତୀ ସମାରୋହରେ ରାଷ୍ଟ୍ରପତି ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

# କମନୱେଲ୍ଥ୍ - ଅହମ୍ମଦାବାଦ

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯେଗିତା ଭାରତରେ ଆୟୋଜିତ ହେବ । ବ୍ରିଟେନ୍‌ର ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀର ୭୪ଟି ଦେଶର ସାଧାରଣ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି । ୨୦୧୦ ମସିହାରେ ନୂଆଦିଲ୍ଲୀରେ ପ୍ରଥମ ଥରଲାଗି ଏହି ପ୍ରତିଯୋଗିତା ଆୟୋଜିତ ହେବା ପରେ ୨୦୩୦ରେ ଅହମ୍ମଦାବାଦଠାରେ ଦ୍ୱିତୀୟ ଥରଲାଗି ଏହାର ଶତାବ୍ଦୀ ସଂସ୍କରଣ ଅନୁଷ୍ଠିତ ହେବ । ଏଦ୍ୱାରା ୨୦୩୬ ଅଲିମ୍ପିକ୍ସ ପ୍ରତିଯୋଗିତାକୁ ଭାରତରେ ଆୟୋଜନ କରିବାର ନିଷ୍ପତ୍ତି ଅଧିକ ସଶକ୍ତ ହୋଇଛି ।

ଅହମ୍ମଦାବାଦଠାରେ ଏହି ପ୍ରତିଯୋଗିତା ଆୟୋଜନ ଲାଗି ଗତ ଏକ ଦଶନ୍ଧି ଧରି ଯୁଦ୍ଧକାଳୀନ ଭିତ୍ତିରେ କ୍ରୀଡ଼ା ଭିତ୍ତିଭୂମିକୁ ଉନ୍ନତ କରାଯାଉଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରିଷଦ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦୩୦ ସଂସ୍କରଣରେ ୧୫ରୁ ୧୭ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ତେବେ ଆସନ୍ତାବର୍ଷ ଏ ସମ୍ପର୍କିତ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ।

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଅହମ୍ମଦାବାଦଠାରେ ଆୟୋଜନ କରିବା ଲାଗି ଭାରତକୁ ଅନୁମତି ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ୨୦୩୦ ଶତାବ୍ଦୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଭାରତରେ ଆୟୋଜନ କରିବା ଏକ ଗର୍ବ

ଓ ଆନନ୍ଦର ବିଷୟ । ଭାରତକୁ ବିଶ୍ୱର କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନରେ ସ୍ଥାନିତ କରିବା ଦିଗରେ ଏହା ହେଉଛି ଦେଶର ମିଳିତ ପ୍ରତିବଦ୍ଧତା ଏବଂ କ୍ରୀଡ଼ା ମନୋଭାବର ପ୍ରତିଫଳନ । 'ବସୁଧୈବ କୁଟୁମ୍ବକମ୍' ବାର୍ତ୍ତା ନେଇ ଭାରତ ଉତ୍ସାହର ସହିତ ଏହି ଐତିହାସିକ କ୍ରୀଡ଼ା ମହାକୁମ୍ଭକୁ ଆୟୋଜନ କରିବା ସଙ୍ଗେ ସଙ୍ଗେ ବିଶ୍ୱକୁ ସ୍ୱାଗତ କରିବା ଲାଗି ଅପେକ୍ଷା କରିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଉଲ୍ଲେଖ କରିଛନ୍ତି ।

କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଅହମ୍ମଦାବାଦଠାରେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିବା ଲାଗି ଭାରତକୁ ଅଧିକାର ମିଳିଥିବାରୁ ଏହାକୁ ଦେଶ ଲାଗି ଏକ ସମ୍ମାନର ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି । ଏଥିସହିତ ୨୦୪୭ ସୁଦ୍ଧା ଭାରତକୁ କ୍ରୀଡ଼ା କ୍ଷେତ୍ରରେ ଏକ ଶକ୍ତିକେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ଏହା ମାର୍ଗ ଉନ୍ମୁକ୍ତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହାକୁ ପ୍ରତ୍ୟେକ ନାଗରିକଙ୍କ ଲାଗି ଏକ ଗର୍ବର ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିଛନ୍ତି ।

## ପି.ଏମ୍. - ସ୍କାଏରୁଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପୂର୍ବାହ୍ନରେ ଭାରତୀୟ ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍'ର ଇନ୍‌ଫିନିଟି କ୍ୟାମ୍ପସକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ କକ୍ଷପଥକୁ

ଉପଗ୍ରହ ଉତ୍କ୍ଷେପଣ କରିପାରିବାର କ୍ଷମତା ରଖିଥିବା ସ୍କାଏରୁଟ୍‌ର ପ୍ରଥମ ଅର୍ବିଟାଲ୍ ରକେଟ୍ 'ବିକ୍ରମ-୧'ର ଉନ୍ମୋଚନ କରିବେ । ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରାୟ ୨ ଲକ୍ଷ ବର୍ଗଫୁଟ ପରିମିତ ଅଞ୍ଚଳରେ ଏହି କ୍ୟାମ୍ପସ୍ ବିକଶିତ କରାଯାଇଛି । ଏତଦ୍‌ବ୍ୟତୀତ ସେଠାରେ ପ୍ରତ୍ୟେକ ମାସରେ ଗୋଟିଏ ଲେଖାଏଁ ଅର୍ବିଟାଲ୍ ରକେଟ୍ ନିର୍ମାଣ କରିବାର କ୍ଷମତା ମଧ୍ୟ ରହିଛି । ଆଇ.ଆଇ.ଟି.ରୁ ଉତ୍ତୀର୍ଣ୍ଣ ହୋଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋର ପୂର୍ବତନ ଦୁଇ ବୈଜ୍ଞାନିକ ପବନ ଚନ୍ଦନା ଓ ଭାରତ ଢାକା ପରବର୍ତ୍ତୀ ସମୟରେ ଭାରତର ଏହି ଅଗ୍ରଣୀ ଘରୋଇ ମହାକାଶ କମ୍ପାନୀ ସ୍କାଏରୁଟ୍ ପ୍ରତିଷ୍ଠା କରିଛନ୍ତି । ୨୦୨୨ ନଭେମ୍ବରରେ ସ୍କାଏରୁଟ୍ ପ୍ରଥମ ଭାରତୀୟ ଘରୋଇ କମ୍ପାନୀ ଭାବେ ବିକ୍ରମ-ଏସ୍ ନାମରେ ମହାକାଶକୁ ସବ୍-ଅର୍ବିଟାଲ୍ ରକେଟ୍ ଉତ୍କ୍ଷେପଣ କରିଥିଲା ।

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ର କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସିଣ୍ଟର୍ଡ୍ ବିରଳ ମୃତ୍ତିକା ସ୍ଥାୟୀ ଚୁମ୍ବକ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ସମ୍ପର୍କିତ ପ୍ରସ୍ତାବ ପାରିତ ହୋଇଛି । ଏଥିସହିତ ପୁଣେ ମେଟ୍ରୋ

ଦ୍ୱିତୀୟ ପର୍ଯ୍ୟାୟ ରେଳ ପ୍ରକଳ୍ପ ଏବଂ ଅନ୍ୟ ଦୁଇଟି ପ୍ରକଳ୍ପକୁ ମଧ୍ୟ ମଞ୍ଜୁରି ମିଳିଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି :

***Voice (Vaishnav)*** :..........

## ରାଜନାଥ ଇଣ୍ଡିଆ-ଇଣ୍ଡୋନେସିଆ ଡାଇଲଗ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ତାଙ୍କର ଇଣ୍ଡୋନେସିଆ ପ୍ରତିପକ୍ଷ ଜାଫ୍ରି ଜାମ୍ସୋଏଦ୍ଦିନ୍‌ଙ୍କ ସହିତ ଭାରତ-ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ କଥାବାର୍ତ୍ତାରେ ସହ-ଅଧ୍ୟକ୍ଷତା କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଉଭୟ ମନ୍ତ୍ରୀ ଆଞ୍ଚଳିକ ସୁରକ୍ଷା ବିକାଶ, ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷୀୟ ପ୍ରତିରକ୍ଷା ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିବେ । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଦିଗରେ ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରୀ ଗତକାଲିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି ।

## ଖରିଫ୍ - ପ୍ରଡକ୍ସନ

ଚଳିତ ଆର୍ଥିକ ବର୍ଷରେ ଦେଶରେ ମୋଟ୍ ଖରିଫ୍ ଖାଦ୍ୟଶସ୍ୟ ଉତ୍ପାଦନ ୧୭୩ ଦଶମିକ ୩/୩ ମିଲିୟନ୍ ଟନ୍ ହେବା ନେଇ ସରକାର ଆକଳନ କରିଛନ୍ତି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗତକାଲି ଖରିଫ୍ ଶସ୍ୟ ଉତ୍ପାଦନର ପ୍ରଥମ ଆଗୁଆ ଆକଳନ ଜାରି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ଧାନ ଉତ୍ପାଦନ ୧୨୪ ମିଲିୟନ୍ ଟନ୍ ହୋଇଛି, ଯାହାକି ଗତବର୍ଷ ଖରିଫ୍ ଋତୁର ଉତ୍ପାଦନ ଠାରୁ ୧ ଦଶମିକ ୭/୩ ମିଲିୟନ୍ ଟନ୍ ଅଧିକ । ସେହିଭଳି ଚଳିତ ଆର୍ଥିକ ବର୍ଷରେ ଆଖୁ ଉତ୍ପାଦନ ୪୭୫ ମିଲିୟନ୍ ଟନ୍ ଏବଂ କପା ଉତ୍ପାଦନ ୨୯ ମିଲିୟନ୍ ବେଲ୍‌ରୁ ଅଧିକ ହେବ ବୋଲି ଆକଳନ କରାଯାଇଛି ।

## ହଙ୍ଗ୍‌କଙ୍ଗ୍ ଫାୟାର

ହଙ୍ଗ୍‌କଙ୍ଗ୍‌ର ତାଇ ପୋ ଜିଲ୍ଲାରେ ସୁଉଚ୍ଚ ଆପାର୍ଟମେଣ୍ଟଗୁଡ଼ିକରେ ଅଗ୍ନିକାଣ୍ଡ ଯୋଗୁଁ ୪୪ ଜଣଙ୍କର ମୃତ୍ୟୁ ହୋଇଛି । ୭ ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବାବେଳେ ୨୭୯ ଜଣ ନିଖୋଜ ଥିବା ଜଣାପଡ଼ିଛି । ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ

ଜଣାପଡ଼ି ନାହିଁ । ୮ ଶହରୁ ଊର୍ଦ୍ଧ୍ୱ ଦମକଳ ବାହିନୀ ସେ ସ୍ଥାନରେ ପହଞ୍ଚି ନିଆଁକୁ ଆୟତ୍ତକୁ ଆଣିଥିଲେ । ୮ଟି ବ୍ଲକ୍ ବିଶିଷ୍ଟ ପ୍ରାୟ ୨ ହଜାର ଆପାର୍ଟମେଣ୍ଟରେ ୪ ହଜାର ୮ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ରହୁଥିବା ସ୍ଥାନୀୟ ଗଣମାଧ୍ୟମ କହିଛି । ଏହି ଅଗ୍ନିକାଣ୍ଡ ଘଟଣାରେ ହଙ୍ଗ୍‌କଙ୍ଗ୍ ପୁଲିସ୍ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାଯାଇଛି ।

## ଆଇ.ଏମ୍.ଡି. ୱେଦର

ଦେଶର ବିଭିନ୍ନ ସ୍ଥାନରେ ଶୀତର ଲହରୀ ବୃଦ୍ଧି ପାଇଛି । ଭାରତୀୟ ପାଣିପାଗ ବିଭାଗ' ହରିୟାଣା, ଚଣ୍ଡୀଗଡ଼, ଦିଲ୍ଲୀ ଓ ହିମାଳଚ ପ୍ରଦେଶରେ ଘନ କୁହୁଡ଼ି ବୃଦ୍ଧି ପାଇବା ନେଇ ଅନୁମାନ କରିଛି । ସେହିଭଳି ପଞ୍ଜାବରେ ଶୀତର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଓଡ଼ିଶାର କେତେକ ସ୍ଥାନରେ ମଧ୍ୟ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଦୁଇ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି ।

ଜାତୀୟ ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବାୟୁ ପ୍ରଦୁଷଣ ଜାରି ରହିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଜି

ସକାଳ ୭ଟା ସୁଦ୍ଧା ଅଞ୍ଚଳର ବାୟୁ ଗୁଣବତ୍ତା ସୂଚକାଙ୍କ ୩୪୬ ରେକର୍ଡ଼ କରାଯାଇଛି ।

*****